# Akashvani, Sambalpur

# SAMBALPURI NEWS MORNING BULLETIN

## 18 July 2026 - 6.47- 6.52 am.

---

ରଥଯାତ୍ରା-ଆଡ଼ପ ମଣ୍ଡପକେ ବିଜେ      ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଚତୁର୍ଦ୍ଧାମୂର୍ତ୍ତି ଆଏଜ୍ ଆଡ଼ପ ମଣ୍ଡପକେ ବିଜେ କର୍‌ବେ । ରଥ ଉପ୍‌ରେ ମାହାପୁରୁମାନ୍‌କର୍ ସନ୍ଧ୍ୟାଧୂପ ନୀତି ସର୍‌ବାର୍ ଉତ୍‌ରୁ ପହଣ୍ଡି ବିଜେ ମୁଲ୍ ହେବା । ପହେଲା ମଦନ୍ ମୋହନ୍, ରାମ ଆଉ କୃଷ୍ଣ ବିଜେ କର୍‌ବାର୍ ଉତ୍‌ରୁ ସୁଦର୍ଶନ୍ ମାହାପୁରୁ ଆଡ଼ପ ମଣ୍ଡପ୍‌କେ ଯିବେ । ଇତାର୍ ଉତ୍‌ରୁ ଗୋଟି ପହଣ୍ଡିଥି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଆଉ ଶେଷେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆଡ଼ପ ମଣ୍ଡପ୍‌କେ ବିଜେ କର୍‌ବେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଧାରିଜ୍ ହେଇଥିବା ନୀତିକାନ୍ତି ଅନ୍‌ସାରେ ତିନ୍‌ହି ରଥଥି ଆଏଜ୍ ମହାପ୍ରଭୁଙ୍କର୍ ମଙ୍ଗଳ ଆଲ୍‌ତୀ ଶେଷ୍ ହେବାର୍ ଉତ୍‌ରୁ ମଇଲମ, ତଡ଼ପଲାଗି, ଅବକାଶ, ବେଶ ଶେଷ, ଗୋପାଳବଲ୍ଲଭ, ସକାଳଧୂପ ଆଉ ମଧ୍ୟାହ୍ନଧୂପ ନୀତି କରାଯିବା । ଇତାର୍‌ଉତ୍‌ରୁ ଉପର୍‌ବେଲା ମାହାପୁରୁମାନ୍‌କର୍ ସନ୍ଧ୍ୟାଧୂପ ଆଉ

ସନ୍ଧ୍ୟାଆଳତୀ ସର୍ବାର୍ ଉତ୍ରୁ ପହଣ୍ଡି ଲାଗି ରଥମାନ୍କେ ଚାରମାଳ ବନ୍ଧାଯିବା । ଇଥିର୍ଲାଗି ପ୍ରଶାସନ୍ ତର୍ଫୁ ସବୁ ପ୍ରକାର୍ ତୟାରି କରାଯାଇଛେ ।

ସେଆଡ଼େ ରଥ ଉପ୍ରେ ମାହାପୁରୁମାନ୍କୁ ଦର୍ଶନ୍ କର୍ବାର୍ ଲାଗି ଭକ୍ତମାନ୍କର୍ ଜବର୍ ଭିଡ଼୍ ହେଇଛେ । ଭୁବ୍ନେଶ୍ୱର୍ ଆଡୁ ବହୁତ୍ଟେ ଗାଡ଼ି ଯାଉଥିବାର୍ନୁ ରାସ୍ତା ପୁରା ଜାମ୍ ହେଇଯାଇଛେ । ମାଳତୀପାଟପୁର୍ ପାଖେ ପାଖାପାଖି ଦେଢ଼୍ଘଂଟା ଅଟ୍କିବାର୍କେ ପଡୁଛେ । ହେଥିର୍ଲାଗି ପୁରୀ ଆସ୍ବାର୍ ଆଘୋନୁ ସବୁ ପ୍ରକାର୍ ପ୍ରସ୍ତୁତି କରିକରି ଆସ୍ବାର୍କେ ପ୍ରଶାସନ୍ ତର୍ଫୁ ସତର୍କ କରାଯାଇଛେ ।

ସଂସଦ୍ର ମୌସୁମୀ ଅଧିବେଶନ          ଏନ୍ଏସ୍ଡି

ସଂସଦ୍ର ମୌସୁମୀ ଅଧିବେଶନ୍ ଆଘୋନୁ ଆଏବା କାଏଲ କେନ୍ଦ୍ର ସର୍କାର୍ ସବୁ ରାଜନୈତିକ୍ ଦଲ୍ର ନେତାମାନ୍କର୍ ବୈଠକ୍ ଡାକିଛନ୍ । ବୈଠକ୍ଥି ସର୍କାର୍- ସଂସଦ୍ର ଦୁହି ଗୃହକେ ଠିକ୍ ଭାବେ ପରିଚାଳନା କର୍ବାର୍ଟାକେ ସୁନିଶ୍ଚିତ୍ କର୍ବାର୍ ଲାଗି ସବୁ

ରାଜନୈତିକ୍ ଦଲର୍ ସହଯୋଗ୍ ମାଗ୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ସୋମ୍‌ବାର୍‌ନୁ ସଂସଦ୍‌ର ମୌସୁମୀ ଅଧିବେଶନ୍ ମୁଲ୍ ହେଇକରି ଅଗଷ୍ଟ ୧୩ ତାରିଖ୍‌ତକ୍ ଚାଲ୍‌ବା । ଇ ଅଧିବେଶନ୍ ସମିଆଥି କେତେଟା ଜରୁରୀ ବିଧେୟକ୍ ଉପ୍‌ରେ ଆଲୋଚନା ହେବାର୍ ସହେତେ ମଞ୍ଜୁରୀ ଭିଲ୍ ମିଲ୍‌ବାର୍ ସମ୍ଭାବନା ରହିଛେ ।

ପୌରସଂସ୍ଥା, ଏନ୍‌ଏସି ପୌରାଧ୍ୟକ୍ଷ ପଦ୍/ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ନୂଆଁ କରି ଗଠନ୍ ହେଇଥିବା ୩୫ ଟା ପୌରସଂସ୍ଥା ଆଉ ଏନ୍‌ଏସିର ପୌରାଧ୍ୟକ୍ଷ ପଦ୍ ଲାଗି ସଂରକ୍ଷଣ୍ ତାଲିକାର୍ ଚିଠା ବିଜ୍ଞପ୍ତି ବାହାରିଛେ । ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ବାହାରିଥିବା ଇ ବିଜ୍ଞପ୍ତି ଅନ୍‌ସାରେ ୧୧ ଟା ପୌରସଂସ୍ଥା ଆଉ ଏନ୍‌ଏସିର ପୌରାଧ୍ୟକ୍ଷ ପଦ୍ ଅନୁସୂଚିତ ଜାତି ମହିଳା ମାନ୍‌କର୍ ଲାଗି ରହିଛେ । ସେନ୍ତା ୭ ଟା ଲେଖା ପଦ୍‌ବୀ ଅନୁସୂଚିତ ଜାତି ଆଉ ଅନୁସୂଚିତ ମହିଳା ମାନ୍‌କର୍ ଲାଗି ସଂରକ୍ଷିତ୍ ରଖାଯିବା । ସେନ୍ତା ୪ ଟା ଲେଖା ପଦ୍ ଅନୁସୂଚିତ ଜନଜାତି ଆଉ

ମହିଳା ଆର୍ ୨ ଟା ପଦ୍ ଅଣସଂରକ୍ଷିତ୍ ବର୍ଗଙ୍କର୍ ଲାଗି ସଂରକ୍ଷିତ୍ ରଖ୍‌ବାର୍‌କେ ପ୍ରସ୍ତାବ୍ ରହିଛେ ।
ଇ ଚିଠା ବିଜ୍ଞପ୍ତି ଓଡ଼ିଶାର୍ ଗେଜେଟ୍‌ଥି ବାହାର୍‌ବାର୍ ୧୫ ଦିନ୍ ଭିତ୍‌ରେ ଲୁକେ ନିଜର୍ ଆପତି କି ମତାମତ୍ ପୌର ପ୍ରଶାସନ୍ ନିର୍ଦ୍ଦେଶକଙ୍କର୍ କାର୍ଯ୍ୟାଳୟ ନ ଦାଖଲ୍ କରିପାର୍‌ବେ ।

ଏମ୍ସ ଭୁବନେଶ୍ୱର୍-ସମାବର୍ତ୍ତନ୍ ଉତ୍ସବ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଏମ୍ସ ଭୁବନେଶ୍ୱର୍‌ର ଷଷ୍ଠ ସମାବର୍ତ୍ତନ୍ ଉତ୍ସବ୍ ଆଏଜ୍ ହେବା । ଇଥି ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଯୋଗ୍ ଦେବେ । ତାଙ୍କର୍ ସହେତେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ବଲି ଏମ୍ସ ଭୁବ୍‌ନେଶ୍ୱର୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର୍ ଆଶୁତୋଷ୍ ବିଶ୍ୱାସ୍ କହିଛନ୍ । ଇ ସମାବର୍ତ୍ତନ୍ ଉତ୍ସବ୍‌ଥି ୬ ଶହ ୮୪ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଦିଆଯିବା ।

ମୁଖ୍ୟ ଶାସନ୍ ସଚିବ-ଚୁକ୍ତି     ଆଇ ଆଣ୍ଡ୍ ପି.ଆର୍

ରାଏଜେ ପବ୍ଲିକ୍- ପ୍ରାଇଭେଟ୍ ପାର୍ଟନରସିପ୍ - ପିପିପି ମଡ଼େଲ୍‌କେ ଅଏତ୍‌କା ମଜ୍‌ବୁତ୍ କର୍‌ବାର୍ ଲାଗି ଓଡ଼ିଶା ସର୍‌କାର୍ ଆଉ ଇଂଟର୍‌ନେସ୍‌ନାଲ୍ ଫାଇନାନ୍ସ କର୍ପୋରେସନ୍- ଆଇଏଫ୍‌ସି ଭିତ୍‌ରେ ଗୁଟେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଇ ଚୁକ୍ତିନାମା ସ୍ୱାକ୍ଷରିତ୍  ହେଇଛେ ।

ଭକ୍ତି ସଂଗୀତ ସମାରୋହ- ଗୁହାରି        ଆଇ ଆଣ୍ଡ୍ ପି.ଆର୍

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍‌ସରେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ତର୍‌ଫୁ ଭକ୍ତି ସଂଗୀତ ସମାରୋହ- ଗୁହାରି ଆଏଜ୍‌ଠାନୁ ମୁଲ୍ ହେଉଛେ । ରବୀନ୍ଦ୍ର ମଣ୍ଡପ୍ ଠାନେ ୩ ଦିନ୍‌ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଆଏବା ୨୦ ତାରିଖ୍ ସର୍‌ବା । ଶ୍ରୀଜଗନ୍ନାଥ ସଂସ୍କୃତିର୍ ବହୁତ୍‌ଟେ ପ୍ରଚାର୍, ପ୍ରସାର୍ ସହେତେ ପାରମ୍ପାରିକ୍ ସଂଗୀତ୍‌କେ ଗୁଟେ ଖାସ୍ ଜାଗା ଦେବାର୍ ଲାଗି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍

କରାଯାଇଛେ ବଲି ଓଡ଼ିଶୀ ଗବେଷଣା କେନ୍ଦ୍ରର୍ ପ୍ରଶାସନିକ୍ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ କହିଛନ୍ ।

ଅଲ୍ ଇଣ୍ଡିଆ ମିଡ଼ିଆ ଡେମୋକ୍ରାସି ଆଇ ଆଣ୍ଡ୍ ପି.ଆର୍

ନୂଆଦିଲ୍ଲୀର୍ ଇଂଟର୍‌ନେସ୍‌ନାଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ସନ ମେନେଜ୍‌ମେଂଟ୍-ଆଇ.ଆଇ.ଆଇ.ଡି.ଇ.ଏମ୍. ପରିସର୍ ନ ଭାରତ୍ ନିର୍ବାଚନ୍ ଆୟୋଗ୍ ତର୍ଫୁ ଅଲ୍ ଇଣ୍ଡିଆ ମିଡ଼ିଆ ଡେମୋକ୍ରାସି ୨୦୨୬ ହେଇଯାଇଛେ । ଇଥି ଯୋଗ୍ ଦେଇଥିବା ପ୍ରତିନିଧି ମାନ୍‌କୁ ଉଦ୍‌ବୋଧନ୍ ଦେଇକରି ମୁଖ୍ୟ ନିର୍ବାଚନ୍ କମିଶନର୍ ଜ୍ଞାନେଶ୍ କୁମାର୍ କହିଛନ୍, ଭାରତୀୟ ସମ୍ବିଧାନ୍, ନିର୍ବାଚନ୍ ବାବଦ୍ ଆଇନ୍ ଆଉ ସମିଆ ଅନ୍‌ସାରେ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍ଫୁ ଜାରି କରାଯାଉଥିବା ନିର୍ଦ୍ଦେଶାବଲୀ ଅନ୍‌ସାରେ ଦେଶେ ନିର୍ବାଚନ୍ ପ୍ରକ୍ରିୟା ପରିଚାଳିତ ହେଇଥିସି । ସମ୍ମିଳନୀଥି ଓଡ଼ିଶାର୍ ୯ ଝନ୍ ବରିଷ୍ଠ ସାମ୍ବାଦିକ୍ ଆଉ ଗଣମାଧମ୍ ପ୍ରତିନିଧିମାନେ ସାମିଲ୍ ହେଇଛନ୍ ।

ସମ୍ମିଲନୀ ମୁଖ୍ୟ ବିଷୟବସ୍ତୁ ରହିଛେ ଅଂଶୀଦାର୍‌ମାନ୍‌କୁ ଜୁଡ଼୍‌ବା, ଗଣତନ୍ତ୍ରକେ ବର୍‌କସ୍ କର୍‌ବା : ନିର୍ବାଚନ୍‌ଥି ଗଣମାଧମ୍‌ର ଭୂମିକା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏଜ୍ ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ ଆଉ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଅତି ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ନୂଆପଡ଼ା, କଲାହାଣ୍ଡି, କନ୍ଧମାଲ୍, ନବରଙ୍ଗ୍‌ପୁର୍, ଅନୁଗୁଲ୍, କେନ୍ଦୁଝର, ମୟୁର୍‌ଭଞ୍ଜ୍, ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।